# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 January – 2026

********************************

## ମୁଖ୍ୟ ସମ୍ବାଦ

- ବିଜେପିର ଦ୍ୱାଦଶ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଆଜି ଦାୟିତ୍ୱ ଗ୍ରହଣ କଲେ ନିତିନ ନବୀନ

— ଦଳର କାର୍ଯ୍ୟଧାରାକୁ ସେ ଆଗକୁ ନେବେ; କହିଲେ ପ୍ରଧାନମନ୍ତ୍ରୀ

- ରାଜ୍ୟରେ ଆସନ୍ତା ଏପ୍ରିଲ ମାସ ୧୬ ତାରିଖରୁ ଆରମ୍ଭ ହେବ ପ୍ରଥମ ପର୍ଯ୍ୟାୟ ଜନଗଣନା

- ଚିଲିକା, ଗହୀରମଥା ଓ ଭିତରକନିକା ଜାତୀୟ ଉଦ୍ୟାନରେ ଆଜିଠାରୁ ଆରମ୍ଭ ହେଲା ଡଲଫିନ୍ ଗଣନା

ଏବଂ

- ଚଳିତବର୍ଷ  ପୁରୀ ରଥଯାତ୍ରା ପାଇଁ ନୟାଗଡ଼ ଦଶପଲ୍ଲାରୁ ପଠାଗଲା ପ୍ରଥମ ପର୍ଯ୍ୟାୟ ରଥକାଠ

# ରାଷ୍ଟ୍ରୀୟ ଅଧ୍ୟକ୍ଷ-ବିଜେପି

ବିଜେପିର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଦଳର ଦ୍ୱାଦଶ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ବିଜେପିର ରାଷ୍ଟ୍ରୀୟ ରିଟର୍ଣ୍ଣିଂ ଅଧିକାରୀ କେ.ଲକ୍ଷ୍ମଣ ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ ଏହି ବିଷୟ ଘୋଷଣା କରିଛନ୍ତି। ଶ୍ରୀ ନବୀନଙ୍କୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଚୟନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ଅନ୍ୟ ମନ୍ତ୍ରୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଆଉ କିଛି ସମୟ ପରେ ଶ୍ରୀ ନବୀନ ଦଳର ନୂତନ ଅଧ୍ୟକ୍ଷ ଭାବେ ଶପଥ ଗ୍ରହଣ କରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀ ନବୀନଙ୍କୁ ଶୁଭେଚ୍ଛା ଜଣାଇ ବିଜେପିକୁ ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ବୋଲି ଅଭିହିତ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଶ୍ରୀ ନବୀନ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ବିଜେପିର କାର୍ଯ୍ୟଧାରାକୁ ଆଗେଇ ନେବେ। ସେ କହିଛନ୍ତି, ନବନିଯୁକ୍ତ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ସେହି ପିଢ଼ିର ଅଟନ୍ତି, ଯେଉଁ ପିଢ଼ି ଦେଶର ପ୍ରମୁଖ ଅର୍ଥନୈତିକ, ସାମାଜିକ ଏବଂ ପ୍ରଯୁକ୍ତିବିଦ୍ୟାଗତ ପରିବର୍ତ୍ତନ ଦେଖିଛି। ଶ୍ରୀ ମୋଦୀ କହିଛନ୍ତି, ଶ୍ରୀ ନବୀନଙ୍କ ବ୍ୟାପକ ଅଭିଜ୍ଞତା ଦଳର ସମସ୍ତ କର୍ମୀଙ୍କ ପାଇଁ ଫଳପ୍ରଦ ସାବ୍ୟସ୍ତ ହେବ।

**- V/O -(PM)**

ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା ପରେ ଶ୍ରୀ ନବୀନ କହିଛନ୍ତି,

**- V/O -(**ନିତିନ ନବୀନ**)**

ଗତକାଲି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ କେବଳ ନିତିନ ନବୀନଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା। ତାଙ୍କ ସପକ୍ଷରେ ୩୭ ସେଟ୍ ନାମାଙ୍କନପତ୍ର ଦାଖଲ କରାଯାଇଥିଲା ଓ ସମସ୍ତ ନାମାଙ୍କନପତ୍ର ବୈଧ ରହିଥିଲା।

ନିତିନ ନବୀନଙ୍କ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ୨୦୧୯ରେ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ପାଇଥିଲେ ଏବଂ ପରେ ୨୦୨୦ ଜାନୁୟାରୀରେ ନିର୍ବିରୋଧରେ ଦଳର ସଭାପତି ଭାବେ ନିର୍ବାଚିତ ହୋଇଥିଲେ।

**୍ଜନଗଣନା**

ରାଜ୍ୟରେ ଆସନ୍ତା ଏପ୍ରିଲ ମାସ ୧୬ ତାରିଖରୁ ପ୍ରଥମ ପର୍ଯ୍ୟାୟ ଜନଗଣନା ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ଘରକୁ ଘର ବୁଲି ଗଣନାକାର୍ଯ୍ୟ ଜାରି ରହିବ। ଏପ୍ରିଲ ୧୬ରୁ ମେ' ୧୫ ତାରିଖ୍ ପର୍ଯ୍ୟନ୍ତ ୩୦ ଦିନ ଧରି ଗଣନାକାର୍ଯ୍ୟ ଚାଲିବ। ଏ ନେଇ ଆଜି ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

**ସାଧାରଣତନ୍ତ୍ର ଦିବସ**

ଆସନ୍ତା ୭୭ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଜାତୀୟ ପତାକା ଉତ୍ତୋଳନ କରିବେ। ରାଜ୍ୟ ଗୃହବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକରେ ସାଧାରଣତନ୍ତ୍ର ଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କୋରାପୁଟ ଏବଂ ପ୍ରଭାତୀ ପରିଡା ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ପୁରୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ରାୟଗଡ଼ାରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦୁଝରରେ ବିଜ୍ଞାନ ପ୍ରଯୁକ୍ତିବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଢେଙ୍କାନାଳରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେବେ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କନ୍ଧମାଳ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମାଲକାନଗିରି, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଭଦ୍ରକ,  ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କଳାହାଣ୍ଡି, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନୟାଗଡ଼, ହସ୍ତତନ୍ତ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମ୍ବଲପୁର, ମତ୍ସ୍ୟ ଓ

ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବାଲେଶ୍ୱର ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୌଦ୍ଧ ଜିଲ୍ଲାରେ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଯୋଗଦେବେ ।

ଅନ୍ୟ ଜିଲ୍ଲା ମୁଖ୍ୟାଳୟଗୁଡ଼ିକରେ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଆରଡିସି ଏବଂ ଜିଲ୍ଲାପାଳ ମାନେ ଜାତୀୟ ପତାକା ଉତ୍ତୋଳନ କରିବେ ।

## ପରୀକ୍ଷାଦର୍ପଣ

ରାଜ୍ୟର ବିଦ୍ୟାଳୟ ଭିତ୍ତିଭୂମି ଓ ଅସୁରକ୍ଷିତ ପରିବେଶର ଯାଞ୍ଚ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଖୁବ୍ ଶୀଘ୍ର ଏହାର ତଦାରଖ କରି ସୂଚନା ଦେବା ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ଅନ୍ୟପକ୍ଷରେ, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର୍ଥୀଙ୍କ ପାଇଁ ଆଜି ଓସେପା ପକ୍ଷରୁ ପରୀକ୍ଷାଦର୍ପଣ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଆସନ୍ତାମାସ ୧୯ ତାରିଖରେ ଛାତ୍ରଛାତ୍ରୀଙ୍କ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟମୂଳକ ସେଟ୍ ପ୍ରସ୍ତୁତ କରାଯାଇଛି, ଯାହା ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପ୍ରସ୍ତୁତିରେ ସହାୟକ ହେବ ।

## ଡଲ୍‌ଫିନ୍ ଗଣନା

ଚିଲିକାରେ ଆଜିଠାରୁ ତିନିଦିନ ପର୍ଯ୍ୟନ୍ତ ଡଲଫିନ୍ ଗଣନା ଆରମ୍ଭ ହୋଇଛି । ଗଣନା ପାଇଁ ୧୮ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଏଥିରେ

ଜଣେ ବିଶେଷଜ୍ଞଙ୍କ ସହିତ ୩ରୁ ୫ ଜଣ ଗଣନାକାରୀ ନିୟୋଜିତ ଅଛନ୍ତି। ଚିଲିକା ସଂଲଗ୍ନ ବାଲୁଗାଁ ଓ ସାତପଡ଼ାରେ ଡଲଫିନ୍ ଗଣନା କରାଯାଉଛି।

ଗଣନାକାରୀ ଦଳ ଚିଲିକାର ଦକ୍ଷିଣାଞ୍ଚଳ, ଉତ୍ତରାଞ୍ଚଳ, କେନ୍ଦ୍ରାଞ୍ଚଳରେ ଗଣନା କରୁଛନ୍ତି। ପ୍ରତ୍ୟେକ ଗଣନାକାରୀଙ୍କ ଡଙ୍ଗାରେ ଜିପିଏସ୍ ମେସିନ ଖଞ୍ଜାଯାଇଛି। ଗଣନା କରିବା ପାଇଁ ବାଇନାକୁଲାର, ରେଞ୍ଜ ଡିଟେକ୍ଟର, ଡ୍ରୋନ୍, କମ୍ପାସ୍‌ର ବ୍ୟବହାର କରାଯାଉଛି।

ଏଥିପାଇଁ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଡଙ୍ଗା ଚଳାଚଳକୁ ନିଷେଧ କରାଯାଇଛି।

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓ ଭିତରକନିକାରେ ମଧ୍ୟ ଆଜିଠାରୁ ଡଲଫିନ୍ ଗଣନା ଆରମ୍ଭ ହୋଇଛି। ଗଣନାରେ ୯ଟି ବିଶେଷଜ୍ଞ ଟିମ୍ ସାମିଲ ହୋଇଛନ୍ତି। ଧାମରା ମୁହାଣଠାରୁ ଦେବୀ ନଦୀ ପର୍ଯ୍ୟନ୍ତ ଏବଂ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା କ୍ରିକ୍ ଓ ନଦୀରେ ଏହି ଗଣନା କରାଯାଉଛି।

## ଚାଖି ଖୁଣ୍ଟିଆ

ସ୍ୱାଧୀନତା ସଂଗ୍ରାମର ଅମର ସଂଗ୍ରାମୀ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ ଅବସରରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଭୁବନେଶ୍ୱର ଜୟଦେବ ଭବନଠାରେ ଲୋକସମ୍ପର୍କ ବିଭାଗ ପକ୍ଷରୁ ଚନ୍ଦନ ହଜୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବାବୁ ସିଂ ଚନ୍ଦନ ହଜୁରୀଙ୍କ

ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଚନ୍ଦନ ହଜୁରୀଙ୍କ ଦେଶପ୍ରେମ, ଆତ୍ମବଳିଦାନ ଓ ଜନସାଧାରଣଙ୍କୁ ସଂଗଠିତ କରିବାର ଆଦର୍ଶ ଆଗାମୀ ପିଢ଼ି ପାଇଁ ସଦା ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ମାତୃଭୂମିର ସେବା ସ୍ୱାଭିମାନ ରକ୍ଷା କ୍ଷେତ୍ରରେ ମହାନ ସ୍ୱାଧୀନତା ସଂଗ୍ରାମୀ ଚନ୍ଦନ ହଜୁରୀଙ୍କ ଅତୁଳନୀୟ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ।

## ରଥକାଠ

ଆଗାମୀ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରଥନିର୍ମାଣ ନିମନ୍ତେ **ନୟାଗଡ଼** ଦଶପଲ୍ଲାରୁ ପ୍ରଥମ ପର୍ଯ୍ୟାୟ ରଥକାଠ ପଠାଯାଇଛି । ଦଶାପଲ୍ଲାରୁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ୩ଟି ଟ୍ରକ୍‌ରେ ୮୩ ଖଣ୍ଡ କାଠ ପଠାଯାଇଥିବା ସୂଚନା ମିଳିଛି । ଗତ ମାସ ୩୦ ତାରିଖରେ ଶ୍ରୀମନ୍ଦିର ପ୍ରଶାସନର ୪ ଜଣିଆ ଦଳ ଶ୍ରୀମନ୍ଦିରରୁ ଆଜ୍ଞାମାଳ ସହ ମା' ବଡ଼ ରାଉଳଙ୍କ ପୀଠରେ ପୂଜାର୍ଚ୍ଚନା କରି ଫେରିଥିଲେ । ପରେ ରଥକାଠ ଚିହ୍ନଟ କରାଯାଇ ୧୨ ଫୁଟ /୨୦ ଫୁଟ ବିଶିଷ୍ଟ ୮୩ ଖଣ୍ଡ ଅସନ ଓ ଧଉରା କାଠ ପୁରୀ ପଠାଯାଇଛି । ଚଳିତବର୍ଷ ରଥନିର୍ମାଣ ନିମନ୍ତେ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ଗତବର୍ଷର ୪୭ ଖଣ୍ଡ ବଳକା କାଠ ରହିଛି । ଦଶପଲ୍ଲାର ମହାବୀର ଏବଂ ନୟାଗଡ଼ର ଜଗନ୍ନାଥ ମନ୍ଦିରଠାରେ କାଠଗୁଡ଼ିକୁ ପୂଜାର୍ଚ୍ଚନା କରାଯିବା ପରେ

ପୁରୀକୁ ପଠାଯାଇଛି। ଆସନ୍ତା ଶ୍ରୀପଞ୍ଚମୀ ଦିନ ରଥଖଳାରେ ୩ଟି ବାରଫୁଟିଆ ଧଉରା କାଠ ପୂଜା ହେବା ପରେ ଅକ୍ଷୟ ତୃତୀୟାଠାରୁ ରଥନିର୍ମାଣ କାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହେବ। ପର୍ଯ୍ୟାୟକ୍ରମେ ବଳକା କାଠ ଶ୍ରୀକ୍ଷେତ୍ରକୁ ପଠାଯିବ ବୋଲି ଦଶପଲ୍ଲା ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ କହିଛନ୍ତି।

## ବନ୍ଦେ ମାତରମ୍

**ନବରଙ୍ଗପୁର** ଜିଲ୍ଲା ଉମରକୋଟ ବ୍ଲକ୍ ଷ୍ଟାଡିୟମ୍‌ଠାରେ ପୌରପାଳିକା ପକ୍ଷରୁ ଆୟୋଜିତ ସାମୂହିକ ବନ୍ଦେ ମାତରମ୍ ଗାୟନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଛନ୍ତି। ଜିଲ୍ଲାର ୧୦ଟି ବ୍ଲକ୍‌ରୁ ଛାତ୍ରଛାତ୍ରୀମାନେ ଏହି ସାମୂହିକ ରାଷ୍ଟ୍ରଗାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଶୋଭାଯାତ୍ରା

**ଗଞ୍ଜାମ** ଜିଲ୍ଲାର ବ୍ରହ୍ମପୁର ମହାନଗର ନିଗମର ୪୦ ନମ୍ବର ୱାର୍ଡ୍ ଆଙ୍କୁଲିଠାରେ ଜାତୀୟ ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ୍ବପୁଆ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ତମାଖୁ ସେବନର କୁପରିଣାମ ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ପଦଯାତ୍ରା

**ଦେବଗଡ଼** ଆଂଚଳିକ ପରିବହନ ବିଭାଗ ପକ୍ଷରୁ ଆଜି ସଡକ ସୁରକ୍ଷା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଟ୍ରାଫିକ୍ ନିୟମ ମାନି ଗାଡି ଚଳାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସ୍ୱାସ୍ଥ୍ୟସେବା

**ଭଦ୍ରକ** ଜିଲ୍ଲା ଧାମନଗର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଆଜି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶିଶୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଅନନ୍ଦିତା ପଟ୍ଟନାୟକଙ୍କ ସହ ଏକ ପ୍ରତିନିଧି ଦଳ ଗସ୍ତ କରି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା, ଔଷଧର ସୁବଣ୍ଟନ, ସ୍ୱାସ୍ଥ୍ୟ ପରିବେଶ ସୁରକ୍ଷା, ସ୍ୱଚ୍ଛତା ଉପରେ ତଦାରଖ କରିଛନ୍ତି।

## ପକ୍ଷୀ ପାଇଁ ଦିନଟିଏ

ପକ୍ଷୀମାନଙ୍କ ସହଜ ଜୀବନଧାରଣ ସହ ସେମାନଙ୍କ ବଂଶବୃଦ୍ଧି ଓ ଅନୁକୂଳ ପରିବେଶ ସୃଷ୍ଟି ନିମନ୍ତେ ସଚେତନତା ଉଦ୍ଦେଶ୍ୟରେ **ନୂଆପଡ଼ା** ଜିଲ୍ଲା ଖଡିଆଳ ବ୍ଲକ୍ ଭୋଜପୁର ଗ୍ରାମରେ 'ପକ୍ଷୀ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରତ୍ୟେକ ସୋମବାର ଦିନ ବିଭିନ୍ନ ଗ୍ରାମରେ ସଚେତନତା ସଭା ଅନୁଷ୍ଠିତ ହେଉଛି। ପକ୍ଷୀଙ୍କ ପାଇଁ ଖାଦ୍ୟ ଓ

ପାନୀୟ ଜଳ ବ୍ୟବସ୍ଥା ସହ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ବୋଲି କୁହାଯାଇଛି ।

## ଜିଲ୍ଲା ମହୋତ୍ସବ

**ଭଦ୍ରକ** ଜିଲ୍ଲା ମହୋତ୍ସବ ଓ ଭଦ୍ରାଣୀ ସମାରୋହ ନେହେରୁ ଷ୍ଟାଡିୟମ୍‌ଠାରେ ଆରମ୍ଭ ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଉତ୍ସବରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଓ ଜିଲ୍ଲାପାଳ ପ୍ରମୁଖ ଯୋଗଦେଇଥିଲେ । ସ୍ୱଦେଶୀ ଆତ୍ମନିର୍ଭର ମେଳା, ସୁଭଦ୍ରା ଶକ୍ତିମେଳା ଆଦି ୪୧୮ଟି ମଣ୍ଡପ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏଥିରେ ସ୍ଥାନିତ କରାଯାଇଛି ।

## ପାଣିପାଗ

ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରଭାବ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇବ । ଆଗାମୀ ୪ ରୁ ୫ ଦିନ ମଧରେ ରାଜ୍ୟର ଜିଲ୍ଲାଗୁଡ଼ିକରେ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ପାରଳାଖେମୁଣ୍ଡିରେ ଆଜି ସାମାନ୍ୟ କୁହୁଡ଼ି ଦୃଶ୍ୟମାନ ହୋଇଥିଲା ।

`